# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 12 March – 2026

## ମୁଖ୍ୟମନ୍ତ୍ରୀ-ରେଳ ସଂଯୋଗ

ଭୁବନେଶ୍ୱର-ଧାନବାଦ ସ୍ପେଶାଲକୁ ଭୁବନେଶ୍ୱର-ଧାନବାଦ ଏକ୍ସପ୍ରେସ ଏବଂ ପୁରୀ-ପାଟ୍ନା ସ୍ପେଶାଲ ପୁରୀ-ପାଟ୍ନା ଏକ୍ସପ୍ରେସ ଭାବରେ ନିୟମିତ କରିବା ପାଇଁ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼, ଯାତ୍ରୀ ସୁବିଧା ବୃଦ୍ଧି, ରେଳ ଚଳାଚଳ କ୍ଷେତ୍ରରେ ଗତିଶୀଳତା, ପର୍ଯ୍ୟଟନ ଏବଂ ଆଞ୍ଚଳିକ ବିକାଶ ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବଜେଟ୍ - ପ୍ରଭାତି ପରିଡ଼ା

ଚଳିତ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୋଟ୍ ୧୮ହଜାର ୯୫୭ କୋଟି ୧୫ଲକ୍ଷ ଟଙ୍କାର ବଜେଟ୍ ଘୋଷଣା କରିଛନ୍ତି । ମହିଳା ଓ ଶିଶୁବିକାଶ ବିଭାଗ ପାଇଁ ୧୬ହଜାର ୧୫୨କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ସମୃଦ୍ଧ ଅଙ୍ଗନବାଡି ଯୋଜନା, ସମନ୍ୱିତ ବାତ୍ସଲ୍ୟ

ସଦନ, କଳିକା, ସୁଭଦ୍ରା ଶକ୍ତି ସମ୍ବାଦ ଓ ୱେଲନେସ କେନ୍ଦ୍ର ସ୍ଥାପନ, ଶିଶୁଖାଦ୍ୟ କେନ୍ଦ୍ର ଆଦି ବିଭିନ୍ନ ଯୋଜନା ପାଇଁ ଖର୍ଚ୍ଚ କରାଯିବ । ମିଶନଶକ୍ତି ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଋଣ ନିୟମିତ ପରିଶୋଧ ଉପରେ ଶୂନ ପ୍ରତିଶତ ସୁଧହାର ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି...

**V/O**

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଅଟକି ରହିଥିବା ଓଡ଼ିଆ ଲୋକଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସହାୟତା କକ୍ଷ ଖୋଲାଯାଇ ଟୋଲ୍-ଫ୍ରି ନମ୍ବର ୧୮୦୦-୧୧୮୭୯୭ ଜାରି କରଯାଇଛି । ଦୁବାଇରେ ରହିଥିବା ୩୫ଜଣ ଓଡ଼ିଆ ପର୍ଯ୍ୟଟକଙ୍କୁ ଗତ ୭ ତାରିଖରେ ଓଡ଼ିଶା ଫେରାଇ ଅଣାଯାଇଛି ।

# ପୂର୍ତ୍ତମନ୍ତ୍ରୀ-ସମୀକ୍ଷା ବୈଠକ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଅଧିକ ସ୍ୱଚ୍ଛ ଓ ଗତିଶୀଳ କରିବା ପାଇଁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ

ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ସଂଶୋଧିତ ନିର୍ମାଣ ସାମଗ୍ରୀ ଓ ଶ୍ରମିକ ମଜୁରୀ ନିର୍ଦ୍ଧାରଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ପ୍ରଶାସନିକ ସଂସ୍କାର ଆଣିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି ।

## ଅନୁ ଗର୍ଗଙ୍କ ଆଲୋଚନା

ରାଜ୍ୟରେ ଖାଉଟୀମାନଙ୍କୁ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ଏବଂ ନୀରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଭୁବନେଶ୍ୱର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀମତୀ ଗର୍ଗ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ରନ୍ଧନଗ୍ୟାସ୍ ଯୋଗାଣରେ କୌଣସି ଅସୁବିଧା ନାହିଁ । ହସ୍ପିଟାଲ, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ଛାତ୍ରାବାସ, ଅଙ୍ଗନବାଡି କେନ୍ଦ୍ର, ଆହାର କେନ୍ଦ୍ର ଆଦି ବିଭିନ୍ନ ସ୍ଥାନରେ ରନ୍ଧନଗ୍ୟାସ୍ ଯୋଗାଣକୁ ପ୍ରାଥମିକତା ଦେବାପାଇଁ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି ।

## ଶ୍ରୀମନ୍ଦିର-ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମହପ୍ରସାଦ ଶୀଘ୍ର ବାହାରିବା ତଥା ଶୃଙ୍ଖଳିତ ନୀତି ସମ୍ପାଦନ ସମେତ ଶ୍ରୀଜୀଉଙ୍କୁ ସୁବିଧାରେ ଦର୍ଶନ ବ୍ୟବସ୍ଥା

ନେଇ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବୁଧବାର ଦିନ ନୀତି ସମ୍ପାଦନ ସମ୍ପର୍କରେ ବୈଠକ କରାଯିବ ଏବଂ ଏଥିସହ ପୂର୍ବ ୭ ଦିନରେ ରହିଥିବା ତ୍ରୁଟି ଓ ଆସନ୍ତା ୭ ଦିନର ପ୍ଲାନ ପ୍ରୋଜେକ୍ଟ ଉପରେ ବିଚାର ବିମର୍ଷ କରାଯାଇ ପଦକ୍ଷେପ ନିଆଯିବ ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

ଢେଙ୍କାନାଳ ଜିଲ୍ଲା ମିନି ଷ୍ଟାଡିୟମଠାରେ ଗତକାଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଯୋଜନାରେ ଆର୍ଥିକ ଅନଗ୍ରସର ବୟସ୍କ ବ୍ୟକ୍ତିମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁବିଧା ପାଉଛନ୍ତି ।

## ଦୁର୍ଘଟଣା ହ୍ରାସ-ସ୍ୱତନ୍ତ୍ର ଅଭିଯାନ

ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଆସନ୍ତା ୨୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ । ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡାକଡି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆର୍‌ଟିଓଙ୍କୁ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରିଛି ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା

ପୁରୀ ଶ୍ରୀମନ୍ଦିରର ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି । ଭୋଗ ମଣ୍ଡପର ତୁରନ୍ତ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବା, ଜଗମୋହନର ବାହ୍ୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ଲୁହା ବିମ୍ ଗୁଡ଼ିକର ଦୃଢ଼ତା ଓ ସ୍ଥିରତା ଯାଞ୍ଚ ପାଇଁ ଏକ ପ୍ରଯୁକ୍ତି ଦଳ ପଠାଇବାକୁ ଶ୍ରୀ ପାଢ଼ୀ ଅନୁରୋଧ କରିଛନ୍ତି ।

# ଗଞ୍ଜାମ-ବୈଠକ

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିବାସନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ଦ୍ଧିତ ସଡ଼କ ଦୁର୍ଘଟଣାକୁ ରୋକିବାପାଇଁ ଜନସଚେତନତାକୁ ଆହୁରି ପରିବ୍ୟାପ୍ତ କରିବା ସହ ନୀତି ନିୟମର କଡାକଡି ପାଳନ କରିବା ପାଇଁ ଜିଲ୍ଲାପାଳ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ।

# କର୍ମଶାଳା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଶ୍ରମିକ ହ୍ରାସ ଓ ଯଶୋଦା ଯୋଜନା ମାଧ୍ୟମରେ ଦକ୍ଷତା ବିକାଶରେ ସାମିଲ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ

ଯୋଗଦେଇ କିଶୋର ନ୍ୟାୟ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

# ବିଶ୍ୱ କିଡ୍‌ନୀ ଦିବସ

କିଡ୍‌ନୀ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଉଛି । ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ କିଡ୍‌ନୀ ସ୍ୱାସ୍ଥ୍ୟ-ଲୋକଙ୍କ ଯତ୍ନ ନେବା, ଗ୍ରହକୁ ସୁରକ୍ଷା ଦେବା' । ମଧୁମେହ ଓ ଉଚ୍ଚ ରକ୍ତଚାପ କାରଣରୁ କିଡ୍‌ନୀ ରୋଗ ହେବାର ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ ।

# ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଓ ସୋନପୁର ବ୍ଲକଠାରେ ମହିଳାଙ୍କ ଅଧିକାର ଓ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଙ୍ଗନବାଡିକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଥିଲା ।

# ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଉଦ୍ୟାନ କୃଷି ଯୋଜନାରେ ୫ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।